# NIC Odisha Wins First Prize for Outstanding Implementation of Hindi as Official Language

At the 76th half-yearly meeting of the Town Official Language Implementation Committee, Bhubaneswar, the National Informatics Centre (NIC), Odisha, was awarded the first prize for the excellent implementation of Hindi as the official language. This award symbolizes NIC Odisha's continuous commitment and teamwork in promoting Hindi as the official language.

## News Clips

# ରାଷ୍ଟ୍ରୀୟ ସୂଚ଼ନା ବିଜ୍ଞାନ କେନ୍ଦ୍ର ଓଡ଼ିଶା ପୁରସ୍କୃତ

ଭୁବନେଶ୍ୱର,୪।୧୨

ଏକ୍ସପ୍ରେସ୍ ନ୍ୟୁଜ୍

ଭୁବନେଶ୍ୱରର ଗୀତ ଗୋବିନ୍ଦ ଭବନରେ ସରକାରୀ ଭାଷା କାର୍ଯ୍ୟାନ୍ୱୟନ କମିଟି ଫୋରମରେ ସରକାରୀ ଭାଷା ହିନ୍ଦୀର ଉତ୍କୃଷ୍ଟ କାର୍ଯ୍ୟାନ୍ୱୟନ ପାଇଁ ଜାତୀୟ ସୂଚ଼ନା ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା।

ଡକ୍ଟର ଅଶୋକ କୁମାର ହୋତା, ଉପ-ନିର୍ଦ୍ଦେଶକ ମହାନିର୍ଦ୍ଦେଶକ ଏବଂ ରାଜ୍ୟ ସୂଚ଼ନା ବିଜ୍ଞାନ ପଦାଧିକାରୀ, ସୁଜାତା ଦାସ, ବରିଷ୍ଠ ନିର୍ଦ୍ଦେଶିକା (ବୈଷୟିକ) ତଥା ସରକାରୀ ଭାଷା କମିଟିର ଉପାଧ୍ୟକ୍ଷଓ ଏବଂ ଡକ୍ଟର ଅଳକା ପ୍ରଧାନ, ହିନ୍ଦୀ ଅନୁବାଦିକା




ଏହି ପୁରସ୍କାର ଗ୍ରହଣ କରିଥିଲେ।

ରାଷ୍ଟ୍ରୀୟ ସୂଚ଼ନା ବିଜ୍ଞାନ କେନ୍ଦ୍ର ସରକାରୀ ଭାଷା ନୀତି ଅନୁଯାୟୀ କାର୍ଯ୍ୟ କରି, ଏହାର କାର୍ଯ୍ୟ ପ୍ରଦର୍ଶନରେ ହିନ୍ଦୀକୁ ପ୍ରାଥମିକତା ଦେବା ସହିତ ପତ୍ରାଳାପ, ରିପୋର୍ଟ, ବିବରଣୀ ପ୍ରଦାନ, ଇ-ଫାଇଲ୍, ହିନ୍ଦୀ ପତ୍ରିକା ପ୍ରକାଶନ ଏବଂ ଡିଜିଟାଲ୍ ଯୋଗାଯୋଗରେ ହିନ୍ଦୀକୁ ପ୍ରୋତ୍ସାହିତ କରିଛି। କାର୍ଯ୍ୟାଳୟ ଅଧିକାରୀଙ୍କ ଭାଷାଗତ ଦକ୍ଷତା ବୃଦ୍ଧି କରିବା ପାଇଁ କର୍ମଶାଳା ଏବଂ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯାହା ହିନ୍ଦୀ ବ୍ୟବହାର ପ୍ରତି ଭାବଧାରାକୁ ପ୍ରୋତ୍ସାହିତ କରିଥିଲା। ଏହି ସଫଳତା କେବଳ ହିନ୍ଦୀ ଭାଷା ପ୍ରତି ପ୍ରତିବଦ୍ଧତାକୁ ପ୍ରଦର୍ଶନ କରେ ନାହିଁ ବରଂ ହିନ୍ଦୀର ନିରନ୍ତର ଏବଂ ସୁଗମ ବ୍ୟବହାର ପ୍ରତି ପ୍ରୟାସର ଗୁରୁତ୍ୱକୁ ମଧ୍ୟ ପ୍ରମାଣିତ କରେ।

ଏହି ସଫଳତା ହାସଲ କରିବାରେ ସମସ୍ତ ଅଧିକାରୀମାନଙ୍କ ସହଯୋଗ ଏବଂ ସମୟୋଚିତ ମାର୍ଗଦର୍ଶନ ପାଇଁ ରାଜ୍ୟ ସୂଚ଼ନା ବିଜ୍ଞାନ ପଦାଧିକାରୀ ସମସ୍ତଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି।

**Express News : 4th Dec, 2025**

# ଉତ୍କୃଷ୍ଟ ସରକାରୀ ଭାଷା କାର୍ଯ୍ୟାନ୍ୱୟନ ପାଇଁ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ପୁରସ୍କୃତ

ଭୁବନେଶ୍ୱର,୩।୧୨(ବ୍ୟୁରୋ): ଭୁବନେଶ୍ୱରର ଗୀତ ଗୋବିନ୍ଦ ଭବନରେ ସରକାରୀ ଭାଷା କାର୍ଯ୍ୟାନ୍ୱୟନ କମିଟି ଫୋରମରେ ସରକାରୀ ଭାଷା ହିନ୍ଦୀର ଉତ୍କୃଷ୍ଟ କାର୍ଯ୍ୟାନ୍ୱୟନ ପାଇଁ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି।

ଡକ୍ଟର ଅଶୋକ କୁମାର ହୋତା, ଉପ ନିର୍ଦ୍ଦେଶକ ମହାନିର୍ଦ୍ଦେଶକ ଏବଂ ରାଜ୍ୟ ସୂଚନା ବିଜ୍ଞାନ ପଦାଧିକାରୀ, ଶ୍ରୀମତୀ ସୁଜାତା ଦାସ, ବରିଷ୍ଠ ନିର୍ଦ୍ଦେଶିକା (ବୈଷୟିକ) ତଥା ସରକାରୀ ଭାଷା କମିଟିର ଉପାଧ୍ୟକ୍ଷଓ ଏବଂ ଡକ୍ଟର ଅଳକା ପ୍ରଧାନ, ହିନ୍ଦୀ ଅନୁବାଦିକା ଏହି ପୁରସ୍କାର ଗ୍ରହଣ କରିଥିଲେ। ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ସରକାରୀ ଭାଷା ନୀତି ଅନୁଯାୟୀ କାର୍ଯ୍ୟ କରି, ଏହାର କାର୍ଯ୍ୟ ପ୍ରଦର୍ଶନରେ ହିନ୍ଦୀକୁ ପ୍ରାଥମିକତା ଦେବା ସହିତ ପତ୍ରାଳାପ, ରିପୋର୍ଟ, ବିବରଣୀ ପ୍ରଦାନ, ଇ-ଫାଇଲ୍, ହିନ୍ଦୀ ପତ୍ରିକା ପ୍ରକାଶନ ଏବଂ ଡିଜିଟାଲ୍ ଯୋଗାଯୋଗରେ ହିନ୍ଦୀକୁ ପ୍ରୋତ୍ସାହିତ କରିଛି। କାର୍ଯ୍ୟାଳୟ ଅଧିକାରୀଙ୍କ ଭାଷାଗତ ଦକ୍ଷତା ବୃଦ୍ଧି କରିବା ପାଇଁ କର୍ମଶାଳା ଏବଂ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯାହା ହିନ୍ଦୀ ବ୍ୟବହାର ପ୍ରତି ଭାବଧାରାକୁ ପ୍ରୋତ୍ସାହିତ କରିଥିଲା। ଏହି ସଫଳତା କେବଳ ହିନ୍ଦୀ ଭାଷା ପ୍ରତି ପ୍ରତିବଦ୍ଧତାକୁ ପ୍ରଦର୍ଶନ କରେ ନାହିଁ ବରଂ ହିନ୍ଦୀର ନିରନ୍ତର ଏବଂ ସୁଗମ ବ୍ୟବହାର ପ୍ରତି ପ୍ରୟାସର ଗୁରୁତ୍ୱକୁ ପ୍ରମାଣିତ କରେ।




**The Prameya : 4th Dec, 2025**